ଓଡ଼ିଶା ଏକ୍ସପ୍ରେସ୍

ଭୁବନେଶ୍ୱର ଓ କେନ୍ଦ୍ରାପଡ଼ାରୁ ଏକସଙ୍ଗେ ପ୍ରକାଶିତ

ଭୁବନେଶ୍ୱର ୨୧ ଏପ୍ରିଲ ୨୦୧୮ ଶନିବାର

ଅଞ୍ଚଳର ନାଁ

ତିନି ମାସର ବେତନ ପ୍ରଦାନ ଦାବିରେ ସ୍ଥାୟୀ ଏନଏସି କର୍ମଚାରୀଙ୍କ ଧାରଣା

ଏକ୍ସପ୍ରେସ୍ ନ୍ୟୁଜ୍

ଖଣ୍ଡପଡା । ଏନଏସି କାର୍ଯ୍ୟାଳୟରେ କାର୍ଯ୍ୟରତ ୧୩ ଜଣ ସ୍ଥାୟୀ କର୍ମଚାରୀଙ୍କୁ ଗତ ୩ ମାସର ବେତନ ବାବଦ ପ୍ରାପ୍ୟ ମିଳିନାହିଁ । ବାରମ୍ବାର ଦାବି ସତ୍ତ୍ୱେ ଏନଏସି କର୍ତ୍ତୃପକ୍ଷ ଜାଣିଶୁଣି ବେତନ ବାବଦ ବକେୟା ପ୍ରାପ୍ୟ ପ୍ରଦାନ କରୁନଥିବା ସ୍ଥାୟୀ କର୍ମଚାରୀମାନେ ଅଭିଯୋଗ କରିଛନ୍ତି । ଏ ସମ୍ପର୍କରେ ସେମାନେ ଏନଏସି ଅଧକ୍ଷା, କାର୍ଯ୍ୟନିର୍ବାହୀ ଅଧିକାରିଣୀ, ନୟାଗଡ ଜିଲ୍ଲାପାଳ ଓ ଡିଆରଡିଏ ପ୍ରକଳ୍ପ ନିର୍ଦ୍ଦେଶକଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ହେଁ କୌଣସି ସୁଫଳ ନମିଳିବାରୁ ଏହାର ପ୍ରତିବାଦରେ ଗୁରୁବାର ଦିନ ଖଣ୍ଡପଡା ଏନଏସି କାର୍ଯ୍ୟାଳୟ ପରିସରସ୍ଥିତ କାର୍ଯ୍ୟନିର୍ବାହୀ ଅଧିକାରିଣୀଙ୍କ ପ୍ରକୋଷ୍ଠ ସମ୍ମୁଖରେ ୧୩ ଜଣ ସ୍ଥାୟୀ କର୍ମଚାରୀ ଧାରଣା ଦେଇଥିଲେ। କର୍ମଚାରୀଙ୍କ ଧାରଣା ଯୋଗୁଁ ଏନଏସି କାର୍ଯ୍ୟାଳୟରେ ଅଚଳାବସ୍ଥା ସୃଷ୍ଟି ହୋଇଥିଲା। ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଧାରଣାରତ କର୍ମଚାରୀମାନଙ୍କୁ ବୁଝାସୁଝା କରିବା ପରେ କର୍ମଚାରୀମାନେ ଧାରଣାରୁ ଓହରି ଯାଇଥିବା ଜଣାପଡିଛି। ସ୍ଥାୟୀ କର୍ମଚାରୀମାନେ ବେତନ ବାବଦ ବକେୟା ପ୍ରାପ୍ୟ ନପାଇବା ପଛରେ ଖଣ୍ଡପଡା ଏନଏସି ଅଧକ୍ଷାଙ୍କ ପ୍ରଛନ୍ନ ହାତଥିବା ନେଇ ଧାରଣାରତ କର୍ମଚାରୀ ପ୍ରକାଶ ଚନ୍ଦ୍ର ବାରିକ, ଲାଲମୋହନ ପଟ୍ଟନାୟକ, ହରିହର ମିଶ୍ର, ଲକ୍ଷ୍ମୀଧର ସାହୁ, ଚନ୍ଦ୍ର ମୁଖି, ରଜନୀ ଦେଇ ରାଜକିଶୋର ମହାନ୍ତି, ସୁବାସ ଚନ୍ଦ୍ର ଦାସ, ମହେନ୍ଦ୍ର ମାହାରଙ୍କ ସମେତ ଅନ୍ୟମାନେ ଗୁରୁତର ଅଭିଯୋଗ କରିଛନ୍ତି । ଏପରିକି ଅସ୍ଥାୟୀ କର୍ମଚାରୀମାନଙ୍କୁ ଏନଏସି କର୍ତ୍ତୃପକ୍ଷ ପ୍ରତିମାସରେ ଠିକ୍ ରୁପେ ବେତନ ବାବଦ ପ୍ରାପ୍ୟ ପ୍ରଦାନ କରୁଥିବା ବେଳେ ଜାଣିଶୁଣି ସ୍ଥାୟୀ କର୍ମଚାରୀମାନଙ୍କୁ ଅଣଦେଖା କରାଯାଉଥିବା ନେଇ ଧାରଣାରତ କର୍ମଚାରୀମାନେ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଏନଏସି କାର୍ଯ୍ୟନିର୍ବାହୀ ଅଧିକାରିଣୀ ଇତିଶ୍ରୀ ଷଡଙ୍ଗୀଙ୍କୁ ପଚାରିବାରେ ଆସନ୍ତା ୨ ଦିନ ମଧ୍ୟରେ ଏ ନେଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସୂଚନା ଦେଇଛନ୍ତି । ଅପରପକ୍ଷେ ଏନଏସି କର୍ତ୍ତୃପକ୍ଷ ସ୍ଥାୟୀ କର୍ମଚାରୀମାନଙ୍କୁ ୨ ଦିନ ମଧ୍ୟରେ ବେତନ ବାବଦ ପ୍ରାପ୍ୟ ପ୍ରଦାନ ନକଲେ କର୍ମଚାରୀମାନେ ବାଧ୍ୟ ହୋଇ ଆସନ୍ତା ୨୩ ତାରିଖ ସୋମବାରଠାରୁ କଳା ବ୍ୟାଚ୍ ପିନ୍ଧି କାର୍ଯ୍ୟାଳୟ ପରିସରରେ ଧାରଣା ଦେବେ ବୋଲି ଚେତାବନୀ ଦେଇଛନ୍ତି ।

ରାଶିଫଳ ତା ୨୧.୪.୧୮

ପଣ୍ଡିତ ରାମଚନ୍ଦ୍ର ଆଚାର୍ଯ୍ୟ
ଷୋଳଭାଗପେଣ୍ଠ,
ଭାୟା – ସୁରଙ୍ଗୀ, ଗଞ୍ଜାମ
ମୋ–୯୪୩୯୩୨୭୭୯୮

ଶନିବାର – ଷଷ୍ଠୀ
ନକ୍ଷତ୍ର– ଆଦ୍ରା, ମିଥୁନ

ମେଷ : ଆପଣ ଅସ୍ଥିରତା ଭିତରେ ଗତି କରିବେ, କର୍ମକ୍ଷେତ୍ରରେ ଅସନ୍ତୋଷ ଦେଖାଦେବ

ବୃଷ : ନାନା ସମସ୍ୟା ଦେଖାଦେବ, ଅନେକ କାର୍ଯ୍ୟ ଅଧାରେ ରହିଯିବ, ଆୟଠାରୁ ବ୍ୟୟ ଅଧିକ

ମିଥୁନ : ଦିନଟି ଭଲରେ ଯିବ, କର୍ମକ୍ଷେତ୍ରରେ ଆଗେଇଯିବେ, ଦେହ ଓ ମନ ଭଲ ରହିବ

କର୍କଟ : କର୍ମକ୍ଷେତ୍ରରେ ଆଗେଇବେ, ମନୋବଳ ଖୁବ୍ ଟାଣ ରହିବ, ଦେହ ସୁସ୍ଥ ରହିବ

ସିଂହ : ଦିନଟି ମିଶ୍ରିତ ଫଳ ଦେବ, କର୍ମକ୍ଷେତ୍ରରେ ପଛେଇ ରହିବେ, ମାନସିକ ଓ ଶାରୀରିକ ଦୁର୍ବଳ ବୋଧ କରିବେ

କନ୍ୟା : ଦିନଟି ଶୁଭ ନୁହେଁ, କର୍ମକ୍ଷେତ୍ରରେ କାମ ଅଧାରେ ରହିଯିବ, ଅନେକ ଅପ୍ରତ୍ୟାଶିତ ସମସ୍ୟା ଦେଖାଦେବ

ତୁଳା : ଆପଣଙ୍କୁ ସଂଗ୍ରାମ ଭିତରେ ଦେଇ ଗତି କରିବାକୁ ପଡିବ, ଦୁର୍ଘଟଣା ବା ରକ୍ତପାତ ଯୋଗ

ବିଛା : ଦିନଟି ଭଲରେ ଯିବ, ଦେହ ସୁସ୍ଥ ରହିବ, ବନ୍ଧୁ ବିଚ୍ଛେଦ ହେତୁ ଶୋଭଗ୍ରସ୍ତ ହେବେ

ଧନୁ : ଶୁଭାଶୁଭ ଫଳ ଦାୟକ ହେବ, କର୍ମକ୍ଷେତ୍ରରେ ଆଗେଇବେ, ଆୟ ଖୁବ୍ ଭଲ ହେବ

ମକର : ବିଶେଷ ଶୁଭଦାୟକ ହେବ ନାହିଁ, ମନରେ ଦୁର୍ବଳତା ଜାଗ୍ରତ ରହିବ, ଦେହ ଭଲ ରହିବ

କୁମ୍ଭ : ଭଲରେ ଯିବ ଦେହ ଓ ମନ ସୁସ୍ଥ ରହିବ, କର୍ମକ୍ଷେତ୍ରରେ ଆଗେଇବେ, ଆୟ ବଢ଼ିବ

ମୀନ : ଦିନଟି ମଧ୍ୟମ ଅଟେ, ଆଶାବାଦୀ ହୋଇ ରହିବେ, ଆର୍ଥିକ ସ୍ଥିତି କ୍ରମେ ସ୍ୱଚ୍ଛଳ ହେବ

ଚିକିତ୍ସାରେ ଅର୍ଥ ସାଜିଛି ବାଧକ

ଆସିକା : ଏକ୍ସପ୍ରେସ୍ ନ୍ୟୁଜ୍

ଗଞ୍ଜାମ ଜିଲ୍ଲା ଆସିକା ବ୍ଲକ ହରିଡାପଦର ଗ୍ରାମରେ ବିରଳ ବିଶାକ୍ତ ସାପ କାମୁଡାରେ ପୀଡ଼ିତ ଗରିବ ଓ ଅସହାୟ ୫ବର୍ଷ ବାଳକର ଚିକିତ୍ସାରେ ଅର୍ଥ ବାଧକ ସାଜିଛି । ହରିଡାପଦର ପଞ୍ଚାୟତର ବିଧବା ସବିତା ବେବର୍ତା ଏକ ଭଡା ଘରେ ତାଙ୍କ ଝିଅ କବିତା ସାହୁ ଓ ଜ୍ୱାଇଁ ସନ୍ତୋଷ ସାହୁ ରହିଆସୁଥିଲେ । ସନ୍ତୋଷଙ୍କ ଘର କବିସୂର୍ଯ୍ୟନଗର ବ୍ଲକ ଅନ୍ତର୍ଗତ ଜରଡଙ୍କରେ । ତାଙ୍କର ଏକ ୫ବର୍ଷର ଶିଶୁ ପୁତ୍ର ସାଇରାମକୁ ଗତ ୨୫ ତାରିଖରେ ଏକ ବିଶାକ୍ତ ସାପ କାମୁଡ଼ି ଦେଇଥିଲା । ଏଥିରେ ତାର ଗୋଡ଼ ଫୁଲିଯାଇ ରକ୍ତପୂଜ ବାହାରିଥିଲା । ବ୍ରହ୍ମପୁର ବଡ଼ ମେଡ଼ିକାଲରେ ଅଳ୍ପ ଚିକିତ୍ସା ପରେ ଡାକ୍ତର ସାଇରାମକୁ ଛାଡ଼ି ଦେଇଥିଲା । ପରେ ସନ୍ତୋଷ ପୁଅକୁ ଏକ ଗୁଣିଆକୁ ଦେଖାଦେଇଥିଲେ । ହେଲେ ଗୁଣିଆ ତାଙ୍କର ଠାରୁ ହଜାର ହଜାର ଟଙ୍କା ଲୁଟି ନେଇ ରୋଗ ଭଲ କରିପାରିନଥିଲା । ଅସହାୟ ହତାଶ ପରିବାର ଗାଁକୁ ଫେରିଥିଲେ । ବର୍ତ୍ତମାନ ପିଲାଟି ରୋଗ ଯନ୍ତ୍ରଣାରେ ଛଟପଟ ହେଉଛି । ଆସିକା ସରକାରୀ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର କିମ୍ବା ବ୍ରହ୍ମପୁର ଏମକେସିଜି ମେଡିକାଲ କାର୍ଯ୍ୟରତ ଡାକ୍ତରଙ୍କ ଖାମଖିଆଲ ଚିକିତ୍ସା ଯୋଗୁଁ ଅସହାୟ ପିଲାଟି ହନ୍ତସନ୍ତ ହୋଇ ଗୋଡ଼ ହରାଇବା ଆଶଙ୍କାରେ ପଡ଼ିଛି । ତୁରନ୍ତ ତାର ଜୀବନ ରକ୍ଷା ପାଇଁ ପ୍ରଶାସନ ଏବଂ ସ୍ୱାସ୍ଥ୍ୟ ବିଭାଗ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି ।

ସରକାରୀ ନିୟମକୁ ସର୍ବଶିକ୍ଷା ଅଭିଯାନର ବେଖାତିର

ଭଦ୍ରକ : ଏକ୍ସପ୍ରେସ୍ ନ୍ୟୁଜ୍

ଭଦ୍ରକସ୍ଥ ଦଧିବାମନ ମନ୍ଦିର ପ୍ରାଙ୍ଗଣରେ ଜିଲ୍ଲା ପ୍ରାଥମିକ ଶିକ୍ଷକ ସଂଘର ସ୍ଥାୟୀ ସଭାପତି ଆଶୋକ ଦାଶଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଉକ୍ତ ବୈଠକରେ ଜିଲ୍ଲା ସମ୍ପାଦକ ସତ୍ୟ ନାରାୟଣ ସାହୁ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଫଳରେ ସମଗ୍ର ରାଜ୍ୟର ସମସ୍ତ ଦପ୍ତର ସକାଳୁଆ ହେଉଥିବା ବେଳେ ସର୍ବଶିକ୍ଷା ଅଭିଯାନ ଦ୍ୱାରା ଉତ୍କଳ ଓ ଉତ୍‌ଥାନ ଟ୍ରେନିଂ ସକାଳ ୯.୩୦ମିନିଟରୁ ଅପରାହ୍ନ ଦ୍ୱାରା ୫ ଘଟିକା ପର୍ଯ୍ୟନ୍ତ ଚାଲୁଥିବାରୁ ଶିକ୍ଷକ ଶିକ୍ଷୟିତ୍ରୀ ମାନେ ଅସନ୍ତୋଷ ଲାଗି ରହିଥିବା କଥା ସଭାର ଦୃଷ୍ଟି ଆକର୍ଷଣ କରିଥିଲେ। ସେଥିପାଇଁ ଜିଲ୍ଲା ସଂଘର ଏକ ପ୍ରତିନିଧିଦଳ ମାନ୍ୟବର ଜିଲ୍ଲାପାଳ ଭଦ୍ରକ ମହୋଦୟ, ଜିଲ୍ଲା ଶିକ୍ଷା ଅଧିକାରୀ, ଜିଲ୍ଲା ପ୍ରକଳ୍ପ ସଂଯୋଜକ ସର୍ବଶିକ୍ଷା ଓ ସମସ୍ତ ବ୍ଲକ ଶିକ୍ଷା ଅଧିକାରୀଙ୍କୁ ଆନୁରୋଧ କରିବାପାଇଁ ସ୍ଥିର କରାଯାଇଥିଲା । ଉକ୍ତ ବୈଠକରେ ରାଜ୍ୟ ସଭାପତି ତ୍ରିଲୋଚନ ନାୟକଙ୍କୁ ରାଜ୍ୟ ସରକାରଙ୍କୁ ଅବଗତ କରିବାପାଇଁ ମଧ୍ୟ ଅନୁରୋଧ କରାଯାଇଥିଲା। ଉକ୍ତ ଗ୍ରୀଷ୍ମ ପ୍ରବାହ ପାଇଁ ଯଦି କୌଣସି ଶିକ୍ଷକ ଶିକ୍ଷୟିତ୍ରୀଙ୍କ ଅସୁବିଧା ହୁଏ ସେଥିପାଇଁ ରାଜ୍ୟ ସରକାର ଦାୟୀ ରହିବେ ବୋଲି ମଧ୍ୟ ସ୍ଥିର କରାଯାଇଥିଲା । ଉକ୍ତ ବୈଠକରେ ରାଜେନ୍ଦ୍ର ସେଠୀ, ନିରଞ୍ଜନ ଅଗସ୍ତି, ବିକ୍ରମ ବେହେରା, ଗୋବିନ୍ଦ ରାଉତ, ଅରୁଣ ଜେନା ଶକୁନ୍ତଳା ଦାସ, ସେକ ରିୟାଜୁଦ୍ଦିନ, ସେକ ଅମାନୁଲ୍ଲା, ନିଳାଦ୍ରୀ ଭୁଷଣ ତ୍ରିପାଠୀ, ମାୟାଧର ସେଠୀ, ସୟଦ ଅଖତର ଅଲ୍ଲୀ, ନୃସିଂହ ଜେନା, ପ୍ରଣିତା ପଲାଇ, ରାଧାଶ୍ୟାମ ନାୟକ, ସଂଯୁକ୍ତା ସାହୁ, ଚୁଡାମଣି ଦାସ, ସେକ ହବିବୁର ରହେମାନ, ସେକ ନେଜାମୁଦ୍ଦିନ, ରତିକାନ୍ତ ମଲ୍ଲିକ, ସୀତା ମିଶ୍ର, ସନାତନ ଲେଙ୍କା ଆଦି ଶିକ୍ଷକ ମାନେ ଯୋଗ ଦେଇ ଟ୍ରେନିଂ ସମୟ ୯.୩୦ ରୁ ୫ ଘଟିକା ପରିବର୍ତ୍ତେ ସକାଳୁଆ କରିବାପାଇଁ ରାଜ୍ୟ ସରକାରଙ୍କ ସହିତ ଜିଲ୍ଲାର ସମସ୍ତ ଅଧିକାରୀ ଓ ଜିଲ୍ଲାପାଳଙ୍କୁ ଅନୁରୋଧ କରାଯିବା ପାଇଁ ସ୍ଥିର ହୋଇଥିଲା ।

ପରିବହନ ଅଧିକାରୀ ଓ ପୋଲିସ ମିଳିତ ଯାଞ୍ଚ

୨୦ ହଜାର ୨୦୦ ଟଙ୍କା ଜରିମାନା ଆଦାୟ

ବେତନଟୀ
ଏକ୍ସପ୍ରେସ୍ ନ୍ୟୁଜ୍

ବେତନଟୀ ଅଞ୍ଚଳରେ ବାରିପଦା ଆଞ୍ଚଳିକ ପରିବହନ ଅଧିକାରୀ କାର୍ଯ୍ୟାଳୟର ଜୁନିଅର ଏମ୍‌ଭିଆଇ ଏକେ ଜେନା, ବେତନଟୀ ଥାନା ଆଇଆଇସି ଗୋବିନ୍ଦଚନ୍ଦ୍ର ବେହେରା, ଥାନା ଏଏସଆଇ ପ୍ରମୋଦ କୁମାର ଜେନା, ଏଏସ୍‌ଆଇ ବିଟି ଘୋଷ ପ୍ରମୁଖ ଯାନବାହନ ଯାଞ୍ଚ କରିଥିଲେ । ଏଥିରେ ୧୫ଟି ଯାନବାହନ ମାମଲା ରୁଜୁ କରାଯାଇଛି । ମଦ ପିଇ ଡ୍ରାଇଭିଂ କରୁ ଥିବାରୁ ଦୁଇଟି ଲାଇସେନ୍ସ ରଦ୍ଦ କରାଯାଇ ଥିବାର ସୂଚନା ମିଳିଛି । ଏହି ଯାଞ୍ଚରୁ ମୋଟ ୨୦ ହଜାର ୨୦୦ ଟଙ୍କା ଜରିମାନା ଆଦାୟ କରାଯାଇଥିବାର ଜଣାପଡିଛି ।

ଟ୍ରକ୍ ଚାପାରେ ଭାଉଜ ମୃତ : ଅଳ୍ପକେ ବର୍ତ୍ତିଲେ ୪ ବର୍ଷର ଝିଅ ଓ ଦିଅର

ଅନୁଗୁଳ : ଏକ୍ସପ୍ରେସ୍ ନ୍ୟୁଜ୍

ଗୁରୁବାର ପୂର୍ବାହ୍ଣରେ ୫୫ନଂ ଜାତୀୟ ରାଜପଥ ହନୁମାନ ବଜାର ଛକ ଠାରେ ଏକ ୧୮ ଚକିଆ ଟ୍ରକ ଚକାତଳେ ଚାପି ହୋଇ ଜନୈକା ମହିଳାଙ୍କ ଶୋଚନୀୟ ମୃତ୍ୟୁ ହୋଇଥିବା ବେଳେ ମହିଳାଙ୍କ ୪ ବର୍ଷର ଝିଅ ଓ ତାଙ୍କ ଦିଅର ସାମାନ୍ୟ ଆହତ ହୋଇ ମୃତ୍ୟୁମୁଖରୁ ଅଳ୍ପକେ ବର୍ତ୍ତି ଯାଇଥିବା ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି । ଘଟଣାରୁ ପ୍ରକାଶ ଯେ ଅନୁଗୁଳ ଥାନା ଅନ୍ତର୍ଗତ ଘୁଞ୍ଚାପାଳ ଗ୍ରାମର ପ୍ରଦେଶ ନାଏକ ଗ୍ରାମରକ୍ଷୀ ଭାବେ କାର୍ଯ୍ୟକରନ୍ତି। ଗୁରୁବାର ସକାଳ ୯ଟା ସମୟରେ ପ୍ରଦେଶଙ୍କ ସ୍ତ୍ରୀ ନନ୍ଦିନୀ ନାଏକ(୩୫) ଙ୍କର ସ୍ୱାସ୍ଥ୍ୟ ଅବସ୍ଥା ଭଲ ନଥିବାରୁ ସେ ଦିଅର ମନୋଜ ନାଏକ ସହ ବାଇକ ଯୋଗେ ନିଜର ୪ ବର୍ଷର ଝିଅଙ୍କୁ ଧରି ଅନୁଗୁଳ ଡାକ୍ତରଖାନାକୁ ଚିକିତ୍ସା ପାଇଁ ଆସିଥିଲେ। ଡାକ୍ତରଖାନାରେ ଚିକିତ୍ସିତ ହେବା ପରେ ସେମାନେ ଉକ୍ତ ବାଇକ ଯୋଗେ ୫୫ ନଂ ଜାତୀୟ ରାଜପଥ ଦେଇ ନିଜ ଘରକୁ ଯାଉଥିଲେ। ସେମାନେ ଉକ୍ତ ବାଇକ ଯୋଗେ ଯାଉଥିବା ସମୟରେ ହନୁମାନ ବଜାର ଛକ ଠାରେ ସାଇକେଲରେ ଆସୁଥିବା ଏକ ଝିଅ ଆସି ତାଙ୍କ ବାଇକ ସହ ଧକ୍କା ହୋଇଥିଲା। ଫଳରେ ଉକ୍ତ ବାଇକଟି ଭାରସାମ୍ୟ ହରାଇ ବସିଥିଲା। ବାଇକରେ ବସିଥିବା ନନ୍ଦିନୀ ନାଏକ ରାସ୍ତାର ଡାହାଣ ପଟକୁ ପଡିଯାଇଥିବା ବେଳେ ତାଙ୍କ ଦିଅର ମନୋଜ ଓ ୪ ବର୍ଷର ଝିଅ ବେବି ରାସ୍ତାର ବାମ ପଟକୁ ଖସିପଡିଥିଲେ। ନନ୍ଦିନୀ ରାସ୍ତାର ଡାହାଣ ପଟକୁ ଖସି ପଡିବା ଦ୍ୱାରା ସେହିସମୟରେ ପଛପଟୁ ଆସୁଥିବା ଏକ ୧୮ ଚକିଆ ଟ୍ରକ ନନ୍ଦିନୀଙ୍କ ଉପରେ ଚଢ଼ି ଯାଇଥିଲା। ଫଳରେ ନନ୍ଦିନୀଙ୍କ ଶରୀର ଅଲଗା ହୋଇ ଯାଇଥିଲା। ଏବଂ ଘଟଣା ସ୍ଥଳରେ ତାଙ୍କର ଶୋଚନୀୟ ମୃତ୍ୟୁ ଘଟିଥିଲା। ଏବଂ ୪ ବର୍ଷର ଝିଅ ଓ ମନୋଜ ଅଳ୍ପକେ ବର୍ତ୍ତି ଯିବା ସହ ସାମାନ୍ୟ ଆହତ ହୋଇଥିଲେ। ଏହା ଦେଖି ସ୍ଥାନୀୟ ଲୋକେ ୪ ବର୍ଷର ଝିଅଟିକୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିବା ବେଳେ ପୁଲିସକୁ ଖବର ଦେଇଥିଲେ। ଖବର ପାଇ ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଟ୍ରକଟିକୁ ଜବତ କରିଥିବା ସହ ମହିଳାଙ୍କ ଶବକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ଥିବା ଜଣାଯାଇଛି।

କଟକ : ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ବିଭିନ୍ନ ଦାବି ନେଇ ଜିଲ୍ଲାପାଳଙ୍କୁ ସ୍ମାରକପତ୍ର

ଏଟିଏମ୍ ସେବା ବନ୍ଦ : ଲୋକେ ହନ୍ତସନ୍ତ

ବେତନଟୀ : ଏକ୍ସପ୍ରେସ୍ ନ୍ୟୁଜ୍

ବେତନଟୀରେ ସମସ୍ତ ଜାତୀୟକରଣ ବ୍ୟାଙ୍କର ଏଟିଏମ ଗୁଡିକରେ ଟଙ୍କା ନଥିବାରୁ ସେଗୁଡିକ ବନ୍ଦ ରହିଛି । ଏହା ଦ୍ୱାରା ଜନସାଧାରଣ ହନ୍ତସନ୍ତ ହେଉ ଥିବାର ଦେଖା ଯାଇଛି । କେନ୍ଦ୍ର ସରକାରଙ୍କ କ୍ୟାସଲେସ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରିବା ସମସ୍ତ ଜାତୀୟକରଣ ବ୍ୟାଙ୍କର ଉତ୍ତର ଦାୟିତ୍ୱ ଥିବା ବେଳେ ବ୍ୟବସାୟୀ ପେଣ୍ଠସ୍ଥଳୀ ବେତନଟୀକୁ ବାହାରୁ ଆସୁ ଥିବା ଲୋକ ମାନେ ଏବେ ଏଟିଏମ ସେବା ନପାଇ ହନ୍ତସନ୍ତ ହେଉ ଥିବାର ଦେଖା ଯାଇଛି । ବେତନଟୀରେ ଭାରତୀୟ ଷ୍ଟେଟ ବ୍ୟାଙ୍କ, ବ୍ୟାଙ୍କ ଅଫ ଇଣ୍ଡିଆ, ୟୁକୋ ବ୍ୟାଙ୍କ, କାନାରା ବ୍ୟାଙ୍କ, ବ୍ୟାଙ୍କ ଅଫ ବରୋଦା, ୟୁନାଇଟେଡ ବ୍ୟାଙ୍କ, କର୍ପୋରେସନ ଜାତୀୟକରଣ ବ୍ୟାଙ୍କ ଥିବା ବେଳେ ଓଡିଶା ଗ୍ରାମ୍ୟ ବ୍ୟାଙ୍କ ଓ ମୟୂରଭଞ୍ଜ କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ରହିଛି । ଏତେ ଗୁଡିକ ବ୍ୟାଙ୍କ ଥିବା ସତ୍ତ୍ୱେ ଲୋକେ ହନ୍ତସନ୍ତ ହେବା ହେତୁ ବ୍ୟାଙ୍କ ସେବା ପ୍ରତି ଲୋକଙ୍କ ଆଗ୍ରହ କମୁଛି ।

ବେଆଇନ ଦେଶୀ ବନ୍ଧୁକ ସହ ଅପରାଧୀ ଗିରଫ

ଫୁଲବାଣୀ
ଏକ୍ସପ୍ରେସ୍ ନ୍ୟୁଜ୍

ଫିରିଙ୍ଗିଆ ବ୍ଲକ ଅନ୍ତର୍ଗତ ଗୋଛାପଡା ଥାନା ଅଞ୍ଚଳରେ ଥିବା କିଲୁପଙ୍ଗାର କାଡିସରୁ ଗ୍ରାମର ପ୍ରଦୀପ କହଁର ନିଜ ଘରେ ବେଆଇନ ଭାବରେ ଦେଶୀ ବନ୍ଧୁକ ଏବଂ ଅନ୍ୟାନ୍ୟ ଦେଶୀ ଆଗ୍ନେୟାସ୍ତ୍ର ତିଆରି କରୁଥିବା ଖବର ପାଇ ଗୋଛାପଡା ଥାନା ପୋଲି ତା' ଘରେ ଅଚାନକ ଭାବରେ ରେଡ୍ କରିଥିଲା । ଏହିଭଳି ଅତର୍କିତ ରେଡ୍‌ର ପୂର୍ବ ସୁଚନା ପାଇନଥିବା ପ୍ରଦୀପ ଏକ ଦେଶୀ ବନ୍ଧୁକରେ ପୋଲିସ ଉପରକୁ ଗୁଳି କରିଥିଲା । କିନ୍ତୁ ପୋଲିସ କର୍ମଚାରୀ ମାନଙ୍କ ଭିତରୁ କେହି ଆହତ ହୋଇ ନଥିବାବେଳେ ପ୍ରଦୀପକୁ କାବୁ କରିବାରେ ସଫଳ ହୋଇଥିଲେ । ତା ଘରୁ ପୋଲିସ ଗୋଟିଏ ଦେଶୀ ବଡ ବନ୍ଧୁକ, କାଠରେ ତିଆରି ୭ଟି ବନ୍ଧୁକର ବଟ୍, ଗୋଟିଏ ପିସ୍ତଲ, ବନ୍ଧୁକ ତିଆରି କାର୍ଯ୍ୟରେ ଲାଗୁଥିବା ଯନ୍ତ୍ରପାତି ଏବଂ ବାରୁଦ ଜବତ କରିବାସହିତ ପ୍ରଦୀପ ବିରୋଧରେ ଏକ ଜାମିନ ବିହୀନ ଦଫାରେ ଗୋଟିଏ ମାମଲା ୨୩/୧୮ ରୁଜୁ କରି ତାକୁ ହାଜତକୁ ପଠାଇଥିବା ଜଣାପଡିଛି ।

ବିନା ପଲ୍ଲିସଭାରେ କାର୍ଯ୍ୟାଦେଶ ଅଭିଯୋଗ

ନିମାପଡ଼ା : ଏକ୍ସପ୍ରେସ୍ ନ୍ୟୁଜ୍

ଗ୍ରା.ପ. ବୈଠକ ନହୋଇ ଅନେକ ଉନ୍ନତିମୂଳକ କାର୍ଯ୍ୟ ନିର୍ବାଚିତ ପ୍ରତିନିଧିଙ୍କ ଅଗୋଚରରେ ବ୍ଲକ ପ୍ରଶାସନ କରିବା ନେଇ ଜିଲ୍ଲାପାଳ ଏବଂ ପଞ୍ଚାୟତରାଜ ସଚିବଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି କୋଠକୁସାଙ୍ଗ ଗ୍ରା.ପ. ଓାର୍ଡସଭ୍ୟସଭ୍ୟା ଏବଂ ନାଏବ ସରପଞ୍ଚ, ସରପଞ୍ଚ, ଜି.ଆର.ଏସ. ଏବଂ ଗ୍ରା.ପ. କାର୍ଯ୍ୟନିର୍ବାହୀ ଅଧିକାରୀ ନିର୍ବାଚିତ ପ୍ରତିନିଧିଙ୍କୁ ଅନ୍ଧାରରେ ରଖି ନରେଗା ଯୋଜନା କାର୍ଯ୍ୟ ନିଜ ନାମେ ନେଇ କରୁନଥିବା ଅଭିଯୋଗପତ୍ରରେ ଦର୍ଶାଯାଇଛି । ନକଲି ମଷ୍ଟର ରୋଲ ପ୍ରସ୍ତୁତ କରି ସରକାରୀ ଅର୍ଥ ହେରଫେର ନିମନ୍ତେ ଉଦ୍ୟମ ଜାରି ରଖିଥିବା ନେଇ ବି.ଡି.ଓ.ଙ୍କୁ ଜଣାଇବାପରେ ତଦନ୍ତ ନିର୍ଦ୍ଦେଶ ଦିଆଯାଇଥିବା ବ୍ଲକ କାର୍ଯ୍ୟାଳୟ ସୂତ୍ରରୁ ପ୍ରକାଶ । ରାଜୀବ ଗାନ୍ଧୀ ଗୃହ ନିର୍ମାଣ ଯୋଜନାରେ ପୂର୍ବରୁ ନିର୍ମିତ ଗୃହ ଉପରେ ନିମ୍ନମାନର ଘର ନିର୍ମାଣ କ'ଣ ପାଇଁ ହେଉଛି ତାହା ସନ୍ଦେହ ଘେରରେ । ବେଆଇନ କାର୍ଯ୍ୟର ତଦନ୍ତ ପାଇଁ ନାଏବ ସରପଞ୍ଚ ମମତା ସ୍ୱାଇଁ, ୱାର୍ଡ ସଭ୍ୟ ବିଜୟ ସାମନ୍ତରାୟ, ଅଚ୍ୟୁତ ବାରିକ, ସୁଷମା ବେହେରା, ଉପେନ୍ଦ୍ର ମଲିକ, ପ୍ରଭାତି ବେହେରା, ବିଷ୍ଣୁପ୍ରିୟା ପଣ୍ଡା, ସଂଯୁକ୍ତା ସ୍ୱାଇଁ, ପବିତ୍ର ଲେଙ୍କା ପ୍ରମୁଖ ଦାବି ଜଣାଇଛନ୍ତି ।

ଦୁଇ ଚୋରଙ୍କୁ ଧରି ଛେଚିଲେ ଗ୍ରାମବାସୀ

ବେତନଟୀ : ଏକ୍ସପ୍ରେସ୍ ନ୍ୟୁଜ୍

ବେତନଟୀ ଥାନା ଅଧୀନ ଧନପୁରର ରଥୁ ମହାନ୍ତଙ୍କ ଛେଳି ଗୁଡିକୁ ଏକ ନମ୍ବର ବିହୀନ ଗ୍ଲାମର ମୋଟର ସାଇକେଲରେ ଆସି ଦୁଇ ଜଣ ଚୋର ଚୋରି କରି ନେଇ ଯାଉଥିବା ବେଳେ ନିଜେ ରଥୁ ଓ ଗ୍ରାମବାସୀ ମାନେ ଦେଖି ଥିଲେ । ରଥୁ ମହାନ୍ତ ଏବାବଦରେ ପ୍ରତିବାଦ କରିବାରୁ ତାକୁ ଚୋର ଦୁଇ ଜଣ ଧମକ ମଧ୍ୟ ଦେଇଥିଲେ । ପରେ ଗ୍ରାମବାସୀ ଖବର ପାଇବା ପରେ ଚୋର ଦୁଇ ଜଣକୁ ଗୋଡାଇ ଥିଲେ । ସେମାନଙ୍କୁ ଖମାରୀ ଅଙ୍ଗନୱାଡି କେନ୍ଦ୍ର ନିକଟରୁ ଧରି ଆଣିଥିଲେ । ଗ୍ଲାମ ଗାଡିଟିକୁ ଯାଞ୍ଚ କରିବା ପରେ ଏଥିରେ ଦଉଡି ଓ ଫାଶ ଇତ୍ୟାଦି ଥିବାର ଦେଖା ଯାଇ ଥିଲା । ତେବେ ଚୋର ଦୁଇଜଣ ପେଶାଦାର ଛେଳି ଚୋର ବୋଲି ଲୋକ ମାନେ ଜାଣିବା ପରେ ଉତ୍ତମ ମଧ୍ୟମ ଦେଇ ଥିଲେ । ଖବର ପାଇ ବେତନଟୀ ଥାନା ଏସଆଇ ହୃଷିକେଶ ପଣ୍ଡିମକବାଟ, ଏସଆଇ କମଳାକାନ୍ତ ଦାସ, ଏଏସଆଇ କେସି ପାତ୍ର ଓ ଅନ୍ୟ ପୋଲିସ କର୍ମଚାରୀମାନେ ପହଞ୍ଚି ଚୋର ଦୁଇ ଜଣଙ୍କୁ ଉଦ୍ଧାର କରି ବେତନଟୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିବାର ଜଣାପଡିଛି । ରଥୁ ମହାନ୍ତଙ୍କ ଲିଖିତ ଅଭିଯୋଗ ମୂଳେ ବେତନଟୀ ଥାନା ଆଇଆଇସି ଗୋବିନ୍ଦଚନ୍ଦ୍ର ବେହେରା ଦଫା ୩୭୯, ୩୪ ଭାରତୀୟ ପିଙ୍ଗଳ କୋର୍ଡ ମୂଳେ ମାମଲା ନମ୍ବର ୫୦/୨୦୧୮ ରୁଜୁ କରି ଏଏସଆଇ ଶ୍ରମତୀ ମଲ୍ଲିକଙ୍କୁ ତଦନ୍ତ ଭାର ପ୍ରଦାନ କରିଛନ୍ତି । ତଦନ୍ତ ପରେ ଚୋର ଦୁଇଜଣଙ୍କ ନାମ ଜଣାପଡିଛି । ସେମାନେ ହେଲେ ବଡସାହି ଥାନା ଅଧୀନ ଟିକାୟତପୁରର ଶଙ୍କରୁ ପାତ୍ର (୩୨) ଓ ମୁସ୍ତାକ ଖାଁ (୩୦) ବୋଲି ଜଣାପଡିଛି । ଦୁଇ ଚୋରଙ୍କୁ ପୋଲିସ ହେପାଜାତରେ ବାରିପଦା ଚିକିତ୍ସା ପାଇଁ ସ୍ଥାନାନ୍ତର କରାଯାଇଛି ।

ହାଇକୋର୍ଟଙ୍କ ନିର୍ଦ୍ଦେଶକୁ ବେଖାତିର

ଗୋଚର ଜମିରେ ଚାଲିଛି ନିର୍ମାଣ କାର୍ଯ୍ୟ

ଭଦ୍ରକ
ଏକ୍ସପ୍ରେସ୍ ନ୍ୟୁଜ୍

ଏକ ଗୋଚର ଜମି ଉପରେ ନିର୍ମାଣ କାର୍ଯ୍ୟ ଉଚ୍ଚ ନ୍ୟାୟାଳୟଙ୍କ ସ୍ପଷ୍ଟ ରାୟ ସତ୍ତ୍ୱେ ଜାରୀ ରହିଛି । ଭଦ୍ରକ ବ୍ଲକ ବ୍ରହ୍ମପୁର ପଞ୍ଚାୟତ ତାରାଗଣ ମୌଜା ୭୬୩ ନମ୍ବର ଖାତା ଓ ୧୨୨୯ ନମ୍ବର ଏକ ଗୋଚର ଜମି ଉପରେ ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣକୁ କେନ୍ଦ୍ର କରି ବିବାଦର ସୂତ୍ରପାତ ହୋଇଥିଲା। ଉକ୍ତ ନିର୍ମାଣ ବିରୁଦ୍ଧରେ ତରାଗଣ ଅଧିବାସୀମାନେ ଜିଲ୍ଲାପାଳଙ୍କୁ ଏକ ସ୍ମାରକପତ୍ର ଦେବା ସହ ଉକ୍ତ ୱାର୍ଡ଼ର ଏହି ଗୋଚର ଜମି ଉପରେ ନିର୍ମାଣ କାଯ୍ୟକୁ ବିରୋଧ କରିଥିଲେ। କିନ୍ତୁ ଜିଲ୍ଲାପାଳଙ୍କ ନିକଟରୁ କୌଣସି ନ୍ୟାୟ ପାଇବାରେ ବିଫଳ ହେବାପରେ ଉକ୍ତ ଗ୍ରାମର ଶଶିକାନ୍ତ ମିଶ୍ର, କୈଳାସ ଚନ୍ଦ୍ର ପରିଡ଼ା, ସନ୍ତୋଷ ଓଝା, ଭରତ ଚନ୍ଦ୍ର ପାଢ଼ୀ, ଚକ୍ରଧର ମାଝୀ ଚାଲିଥିବା ନିର୍ମାଣ ବିରୁଦ୍ଧରେ ରାଜ୍ୟ ସରକାରଙ୍କ ମହିଳା ଓ ଶିଶୁ ବିକାଶ ବିଭାଗର ସଚିବ, ଭଦ୍ରକ ଜିଲ୍ଲାପାଳ, ଗୋଷ୍ଠି ଉନ୍ନୟନ ଅଧିକାରୀ, ତହସିଲଦାର ଓ ବ୍ରହ୍ମପୁର ସରପଞ୍ଚଙ୍କୁ ପକ୍ଷଭୁକ୍ତ କରି ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ମାମଲାର ବିଚାର କରି ଗୋଚର ଜମିରେ ଯେ କୌଣସି ପ୍ରକାର ନିର୍ମାଣ ଓଡ଼ିଶା ସରକାରଙ୍କ ଭୂ–ବନ୍ଦୋବସ୍ତ ଆଇନର ବିରୁଦ୍ଧାଚରଣ କରୁଥିବା ସ୍ପଷ୍ଟ କରିବା ସହ ସମସ୍ତ ଅବାଦେନକାରୀ କୋର୍ଟ ରାୟ ପ୍ରକାଶନର ୧୫ଦିନ ମଧ୍ୟରେ ଭଦ୍ରକ ଜିଲ୍ଲାପାଳଙ୍କ ଠାରେ ନିଜର ଅସନ୍ତୋଷ ଜଣାଇବାକୁ ଓ ଉଭୟ ପକ୍ଷଙ୍କ ମତ ନେଇ ୪୫ଦିନ ମଧ୍ୟରେ ଆଇନ ଅନୁଯାୟୀ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁଯାୟୀ ଚଳିତ ମାସ ୬ତାରିଖ ଅଭିଯୋଗକାରୀମାନେ ଜିଲ୍ଲାପାଳଙ୍କ କୋର୍ଟରେ ହାଜର ହୋଇ ସେମାନଙ୍କ ପକ୍ଷ ରଖିଥିଲେ। କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରିବା ସହ ସେଠାରେ ନିର୍ମାଣ କାର୍ଯ୍ୟ ଜାରୀ ରହିଥବବା ଜଣାପଡ଼ିଛି। ତେଣୁ ଜିଲ୍ଲାପାଳ ନ୍ୟାୟାଳୟଙ୍କ ନିର୍ଦ୍ଦେଶ ପରିପ୍ରେକ୍ଷୀରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ପାଇଁ ଅଭିଯୋଗକାରୀ ଦାବି କରିଛନ୍ତି।

ବେଆଇନ ବାଲି ଓ ମାଟି ଚାଲାଣ ଯୋଗୁ ନଦୀବନ୍ଧ ଦୁର୍ବଳ

ଭଣ୍ଡାରିପୋଖରୀ : ଏକ୍ସପ୍ରେସ୍ ନ୍ୟୁଜ୍

ଆଖୁଆପଦା ଜଳସେଚନ ଉପଖଣ୍ଡ ଅନ୍ତର୍ଗତ ବୈତରଣୀ ନଦୀବନ୍ଧର ବନ୍ୟା ଜନିତ ବିପଦସଙ୍କୁଳ ସ୍ଥାନର ଅନୁଧ୍ୟାନ ଗୁରୁବାର ବିଭାଗୀୟ ଯନ୍ତ୍ରୀ ଓ ପ୍ରଶାସନ ମିଳିତ ଭାବେ କରାଯାଇଛି। ଆଖୁଆପଦା ଠାରୁ ମଣିନାଥପୁର ଓ ଆଖୁଆପଦା ଠାରୁ ବଳିପୁର ପର୍ଯ୍ୟନ୍ତ ବୈତରଣୀ ନଦୀବନ୍ଧର ଦୁର୍ବଳ ସ୍ଥାନର ଚିହ୍ନଟ ଓ ମରାମତ ପାଇଁ ଏହି ଅନୁଧ୍ୟାନ ହୋଇଥିଲା। ଜଳସମ୍ପଦ ବିଭାଗ ଅଧିକ୍ଷଣ ଯନ୍ତ୍ରୀ ବିଜୟ କୁମାର ମିଶ୍ରଙ୍କ ନେତୃତ୍ୱରେ ଯାଜପୁର ବିଭାଜନ ନିର୍ବାହୀ ଯନ୍ତ୍ରୀ ଧନେଶ୍ୱର ସାମଲ, ଆଖୁଆପଦା ସହକାରୀ ନିର୍ବାହୀ ଯନ୍ତ୍ରୀ ଶଙ୍କର୍ଷଣ ବେହେରା, କନିଷ୍ଠ ଯନ୍ତ୍ରୀ ସୁଶାନ୍ତ ଦାସ ଓ ପ୍ରଶାସନ ପକ୍ଷରୁ ବିଡ଼ିଓ ବନମାଳୀ ତରାଇ, ଅତରିକ୍ତ ତହସିଲଦାର ଶରତ କୁମାର ସ୍ୱାଇଁ ପ୍ରମୁଖ ବାଲିପୋଖରୀ ଏସକେପ ନିକଟରେ ପହଞ୍ଚିବା ମାତ୍ରେ ବରିଷ୍ଠ ନାଗରିକ ଶିଶିର ମହାପାତ୍ର, ପୂର୍ବତନ ଜିଲ୍ଲାପରିଷଦ ସଦସ୍ୟ ଗଗନ ସେଠୀ ଓ ଶତାଧିକ ଗ୍ରାମବାସୀମାନେ ବେଆଇନ ବାଲି ଉଠାଣ ଓ ପରିବହନ ଏବଂ ବେଆଇନ ଇଟାଗଡ଼ା ପାଇଁ ମନଇଚ୍ଛା ମାଟି ଉଠାଣ ଯୋଗୁଁ ନଦୀବନ୍ଧର କୌଣସି ସ୍ଥାନ ଆଉ ସୁରକ୍ଷିତ ନୁହେଁ ବୋଲି ଦର୍ଶାଇ ଏଥିପାଇଁ ଉତ୍ତର ଲୋଡିଥିଲେ। ବାଲିମାଫିଆଙ୍କ ସହ ତହସିଲର କର୍ମଚାରୀମାନେ ଭିତିରିଆ ସମ୍ପର୍କ ରଖି କାର୍ଯ୍ୟାନୁଷ୍ଠାନକୁ ବିଫଳ କରିଦେଉଥିବାରୁ ତହସିଲ ପ୍ରଶାସନ ଅସହାୟ ହୋଇପଡ଼ିଛି ବୋଲି କହିଥିଲେ। ସ୍ଥାନୀୟ ଯନ୍ତ୍ରୀ ଶ୍ରୀ ବେହେରା ଏତାଲା ଉପରେ ଥାନା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା କହିଥିଲେ। ତେବେ ବରିଷ୍ଠ ନାଗରିକ ଶିଶିର ମହାପାତ୍ର ନିର୍ଦ୍ଦିଷ୍ଟ ଭାବେ ଏତାଲା ପରିବର୍ତ୍ତେ ଲୋକଦେଖାଣିଆ ଏତାଲା ଦେଉଥିବା ଅଭିଯୋଗ କରିଥିଲେ। ସ୍ଥାନୀୟ ଜନସାଧାରଣଙ୍କ ସହ ଅନୁଧ୍ୟାନକାରୀ ଦଳ ସହମତ ହୋଇଥିଲେ। ଆଖୁଆପଦା ଠାରୁ ବଳିପୁର ନଦୀବନ୍ଧର ନିର୍ମାଣ ତଦାରଖ କରିଥିଲେ ଅନୁଧ୍ୟାନକାରୀ ଦଳ। ଚିହ୍ନଟ ହୋଇଥିବା ବନ୍ୟା ଦୁର୍ବଳ ସ୍ଥାନର ମରାମତ ଯଥାଶିଘ୍ର ହେବ ବୋଲି ସୂଚନା ଦେଇଥିଲେ।